# ନବୀନଙ୍କ ପରେ ଆସୁଛନ୍ତି ମୋଦି

ଅନୁଗୋଳ,୧୮।୫ (ଅମିତ କୁମାର ସାମଲ)

■ସରଗରମ ଅନୁଗୋଳ ଜିଲା ରାଜନୀତି
■ପ୍ରଚାରରେ ଆଗରେ ବିଜେଡି, ଭାଜପା
■ସମ୍ପୂର୍ଣ୍ଣ ପଛରେ ପଡ଼ିଛି କଂଗ୍ରେସ

ଅନୁଗୋଳ ଜିଲାରେ ଥିବା ୫ ବିଧାନସଭା ନିର୍ବାଚନମଣ୍ଡଳୀ ଅନୁଗୋଳ, ତାଳଚେର, ପାଲଲହଡ଼ା, ଆଠମଲ୍ଲିକ ଓ ଛେଣ୍ଡିପଦାରେ ଆସନ୍ତା ୨୫ ତାରିଖରେ ମତଦାନ ଅନୁଷ୍ଠିତ ହେବ। ତେଣୁ ପ୍ରଚାରକୁ ଆଉ ମାତ୍ର ୫ ଦିନ ଥିବାରୁ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀମାନେ ମାରାଥନ ପ୍ରଚାର ଚଳାଇଛନ୍ତି। ବିଶେଷକରି ବିଜେଡି ଓ ଭାଜପା ଏ କ୍ଷେତ୍ରରେ ଆଗରେ ରହିଛନ୍ତି। ଏହି ଦୁଇ ଦଳର ହେଭିୱେଟ୍ ବା ଷ୍ଟାର ପ୍ରଚାରକମାନେ ଅନୁଗୋଳ ଜିଲାକୁ ଆସି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିସାରିଛନ୍ତି। ବିଜେଡି ପ୍ରାର୍ଥୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨ ଥର ଜିଲାକୁ ଆସିଥିବା ବେଳେ ୫-ଟି ଅଧ୍ୟକ୍ଷ ତଥା ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ ମଧ୍ୟ ଜିଲାରେ ରୋଡ୍ ଶୋ ଓ ସଭା ଶେଷ କରିଛନ୍ତି। ସେହିପରି ଭାଜପା ପ୍ରାର୍ଥୀଙ୍କ ପାଇଁ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ଏମ୍‌ପି ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଚାର କରିଥିବା ବେଳେ ଆସନ୍ତା ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନୁଗୋଳ ଆସି ଭାଜପା ପ୍ରାର୍ଥୀମାନଙ୍କ ପାଇଁ ଭୋଟ ମାଗିବାର କାର୍ଯ୍ୟସୂଚୀ ରହିଛି। କିନ୍ତୁ ପ୍ରଚାର କ୍ଷେତ୍ରରେ ପଛରେ ପଡ଼ିଛି କଂଗ୍ରେସ। ଏଯାଏ ଦଳର କୌଣସି ହେଭିୱେଟ୍ ଅନୁଗୋଳ ଗସ୍ତରେ ଆସି ଭୋଟରଙ୍କୁ ଆକର୍ଷିତ କରିଥିବା ଦେଖାଯାଇ ନାହିଁ।

ବିଜେଡିର ଷ୍ଟାର ପ୍ରଚାରକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ୧୫ ତାରିଖରେ ସମ୍ବଲପୁର ସଂସଦୀୟ କ୍ଷେତ୍ର ଅଧୀନ ତଥା ଅନୁଗୋଳ ଜିଲାର ଆଠମଲ୍ଲିକ ଓ ଛେଣ୍ଡିପଦା ଗସ୍ତରେ ଆସି ପ୍ରଚାରର ମଙ୍ଗ ଧରିଥିଲେ। ଆଠମଲ୍ଲିକ ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ, ଛେଣ୍ଡିପଦା ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ବେହେରା ଓ ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କୁ ଭୋଟ ଦେବାକୁ ଭୋଟରମାନଙ୍କୁ ନିବେଦନ କରିଥିଲେ। ଗତ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ଅନୁଗୋଳ ଷ୍ଟାଡିୟମରେ ପହଞ୍ଚି ଅନୁଗୋଳ ବିଧାୟକ ପ୍ରାର୍ଥିନୀ ସଂଯୁକ୍ତା ସିଂହ, ତାଳଚେର ବିଧାୟକ ପ୍ରାର୍ଥୀ ବ୍ରଜ କିଶୋର ପ୍ରଧାନ, ପାଲଲହଡ଼ା ବିଧାୟକ ପ୍ରାର୍ଥୀ ମୁକେଶ କୁମାର ପାଳ ଓ ଢେଙ୍କାନାଳ ଲୋକ ସଭା ପ୍ରାର୍ଥୀ ଡା. ଅବିନାଶ ସାମଲଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ବିଜେଡିର ଏହି ହେବିୱେଟ୍‌ଙ୍କ ପ୍ରଚାର ପରେ ଦଳୀୟ ପ୍ରାର୍ଥୀ, ନେତା, କର୍ମୀଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍ସାହ ସୃଷ୍ଟି ହୋଇଛି। ସେହିପରି ଭାଜପାର ଆଠମଲ୍ଲିକ ପ୍ରାର୍ଥୀ ସଞ୍ଜୀବ ସାହୁ, ଛେଣ୍ଡିପଦା ପ୍ରାର୍ଥୀ ଅଗସ୍ତି ବେହେରାଙ୍କ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୋଟ ମାଗିଥିବା ବେଳେ ତାଙ୍କୁ ମଧ୍ୟ ବିଜୟୀ କରିବାକୁ ନିବେଦନ କରିଥିବା ଦେଖାଯାଇଛି। ଏହାପରେ ଆସନ୍ତା ୨୦ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନୁଗୋଳ ସ୍ଥିତ ନାଲକୋ ଷ୍ଟାଡିୟମ୍‌କୁ ଆସି ଦଳର ଅନୁଗୋଳ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ପ୍ରଧାନ, ତାଳଚେର ପ୍ରାର୍ଥୀ କାଳନ୍ଦୀ ସାମଲ, ପାଲଲହଡ଼ା ପ୍ରାର୍ଥୀ ଅଶୋକ ମହାନ୍ତି, ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅନୁଗୋଳ ଲୋକ ସଭା ପ୍ରାର୍ଥୀ ରୁଦ୍ର ନାରାୟଣ ପାଣିଙ୍କ ପାଇଁ ଭୋଟ ଭିକ୍ଷା କରିବେ। ଏହି ବିକାଶର ଗ୍ୟାରେଣ୍ଟି ସଭାରେ ପାଖାପାଖି ୫ ଲକ୍ଷ ଲୋକ ସମାଗମ ହେବେ ବୋଲି ଭାଜପା ପକ୍ଷରୁ କୁହାଯାଉଛି। ଏହାକୁ ନେଇ ଢେଙ୍କାନାଳ ଓ ସମ୍ବଲପୁର ଲୋକ ସଭା କ୍ଷେତ୍ରର ଭାଜପା ନେତା, କର୍ମୀ ଫୁଲ୍ ଜୋଶରେ ଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ଅନୁଗୋଳ କଂଗ୍ରେସ ପକ୍ଷରୁ ଦଳର ଷ୍ଟାର ପ୍ରଚାରକଙ୍କୁ ଆଣିବାକୁ ଯୋଜନା କରାଯାଉଥିବା କୁହାଯାଉଥିଲେ ମଧ୍ୟ ସେମାନଙ୍କ କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ଦିଆଯାଇପାରୁ ନାହିଁ।

## ସୁରକ୍ଷା ବ୍ୟବସ୍ଥା ଯାଞ୍ଚ



ବଅଁରପାଳ,୧୮।୫ (ସୁବାସ ସାହୁ)

ଅନୁଗୋଳ ଜିଲା ଗସ୍ତରେ ଆସୁଥିବା ନରେନ୍ଦ୍ର ମୋଦି ବଅଁରପାଳସ୍ଥିତ ନାଲ୍‌କୋ ଷ୍ଟାଡିୟମରେ ସଭା କରିବାର କାର୍ଯ୍ୟକ୍ରମ ରହିଛି। ଏଥିପାଇଁ ଯୁଦ୍ଧକାଳୀନ ଭିତ୍ତିରେ ନାଲ୍‌କୋ ଠାରେ ସଭାମଞ୍ଚ ପ୍ରସ୍ତୁତ କରାଯିବା ସହ ହେଲିପ୍ୟାଡ ନିର୍ମାଣ କରାଯାଉଛି। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ଆରମ୍ଭ ହୋଇଯାଇଛି। ଏସ୍‌ପିଜି ପକ୍ଷରୁ ହେଲିକପ୍ଟର ଲ୍ୟାଣ୍ଡିଂ ଠାରୁ ଆରମ୍ଭ କରି ଅ ନ୍ୟାନ୍ୟ ବ୍ୟବସ୍ଥାର କଡାକଡି ଯାଞ୍ଚ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ସୁରକ୍ଷାରେ ଯେପରି କୌଣସି ତ୍ରୁଟି ନ ହେବ ତାହାର ସମୀକ୍ଷା କରାଯାଇଚି। ଏହି ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ପ୍ରକ୍ରିୟାରେ ନାଲ୍‌କୋ ଥାନା ପକ୍ଷରୁ ସହଯୋଗ କରାଯାଉଛି।

## ରାଜ୍ୟ ସରକାରଙ୍କ ବିଫଳତା ବଖାଣିଲା ଭାଜପା

ଆଠମଲ୍ଲିକ,୧୮।୫(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ-କିଆକଟା ରାସ୍ତା ପାର୍ଶ୍ୱରେ ମାଣିକପଥର ନିକଟସ୍ଥ ଏକ ହୋଟେଲରେ ଭାଜପା ତରଫରୁ ଶନିବାର ଏକ ଖବରଦାତା ସମ୍ମିଳନୀ କରାଯାଇ ରାଜ୍ୟ ସରକାରଙ୍କ ବିଫଳତା ସମ୍ପର୍କରେ ସୂଚନା ଦିଆଯାଇଛି। ଏଥିରେ ସମ୍ବଲପୁର ଅଞ୍ଚଳର ବରିଷ୍ଠ ଆଇନଜୀବୀ ଡ. ପ୍ରମୋଦ କୁମାର ରଥ ଓ ରାଜ୍ୟସ୍ତରୀୟ ପେନାଲିଷ୍ଟ ଏବଂ ଜୋନାଲ ମିଡିଆ କୋଅର୍ଡିନେଟର ମାନସ ବକ୍ସି ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ବିଫଳତା ସମ୍ପର୍କରେ କହିଥିଲେ। ରାଜ୍ୟ ସରକାରଙ୍କ ୨୪ ବର୍ଷର ଶାସନ ଭିତରେ ମହାନଦୀରେ ଗୋଟିଏ ମଧ୍ୟ ବ୍ୟାରେଜ ନିର୍ମାଣ ନ କରି ଛତିଶଗଡ଼ ସରକାରକୁ ଦାୟୀ କରିବା, ବିଜେଡିର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ଦୁର୍ଘଟଣାରେ ଆହତ ହୋଇ ସରକାରୀ ଡାକ୍ତରଖାନା ପରିବର୍ତ୍ତେ ଘରୋଇ ମେଡିକାଲରେ ଚିକିତ୍ସିତ ହେବା ଘଟଣା ରାଜ୍ୟରେ ସ୍ୱାସ୍ଥ୍ୟସେବାର ରୁପାନ୍ତରୀକରଣରେ କିପରି ହୋଇଛି ତାହା ସ୍ପଷ୍ଟ କରୁଛି। ସେହିପରି ଆଠମଲ୍ଲିକ ଡାକ୍ତରଖାନାରେ ଦୀର୍ଘଦିନ ହେବ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ନ ହେବା, ମାନଜୋର ଜଳସେଚନ ପ୍ରକଳ୍ପ କେନାଲ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା, ସୁରେଶ୍ୱରୀ ଓ ମହାସତୀ ଜଳ ପ୍ରକଳ୍ପ ସହିତ ଶୀତଳଭଣ୍ଡାର ନିର୍ମାଣ ନ ହେବାକୁ ନେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ଅନ୍ୟପକ୍ଷରେ କେନ୍ଦ୍ରୀୟ ବିଦ୍ୟାଳୟ ଆଠମଲ୍ଲିକରେ ସ୍ଥାପନ ନ ହେବା ଓ ଏନଏଚ୍ ୫୫ର ୪ ଲେନ କାର୍ଯ୍ୟ ଶେଷରେ ବିଳମ୍ବ ନେଇ ଗଣମାଧ୍ୟମ ପ୍ରତିନିଧିମାନେ ପ୍ରଶ୍ନ କରିବାରୁ ଭାଜପା ନେତାମାନେ କହିଥିଲେ, ନିର୍ବାଚନ ପରେ କେନ୍ଦ୍ରୀୟ ବିଦ୍ୟାଳୟ ଆଠମଲ୍ଲିକରେ ନିଶ୍ଚିତ ହେବ ଓ ରାଜ୍ୟ ସରକାରଙ୍କ ଜମି ଅଧିଗ୍ରହଣରେ ବିଳମ୍ବ ଯୋଗୁ ଏନ୍‌ଏଚ୍ କାର୍ଯ୍ୟ ବିଳମ୍ବିତ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ସଚ୍ଚିଦାନନ୍ଦ ପାଣିଗ୍ରାହୀ, ଅଞ୍ଜନ ପ୍ରଧାନ, ପ୍ରାଣବନ୍ଧୁ ମେଣ୍ଡୁଲି, ସବ୍ୟସାଚୀ ସିଂହସାମନ୍ତ, ପ୍ରମୋଦ ପ୍ରଧାନ, ଅମରେଶ ଷଡ଼ଙ୍ଗୀ, ସନ୍ତୋଷ ଅଗ୍ରୱାଲ, ଶିବାଶିଷ ରାଉତ, ଏନ୍‌ଏସିର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ କୁମାର ହୋତା, ଯୁବନେତା ପିନା ପାଣିଗ୍ରାହୀ ଓ ମନୋଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।




## ବିଜେଡିରେ ଯୋଗଦେଲେ ଶତାଧିକ କର୍ମୀ

ଛେଣ୍ଡିପଦା,୧୮।୫(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ କୋଶଳାଠାରେ ଶୁକ୍ରବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ବାଗଡିଆ ଗ୍ରାମର ସୁମନ୍ତ ସାହୁ, ଚନ୍ଦ୍ରମଣି ବେହେରା, ଭାଗୀରଥି ସାହୁ, ଝସକେତନ ସାହୁ, ପ୍ରଦୀପ ସାହୁ, ସୁନୀଲ ସାହୁ, ସୁକାନ୍ତ ବିଶ୍ୱାଳ, ବହ୍ମାନନ୍ଦ ସାହୁ, ଅନିଲ ଦେହୁରୀ, ଉପେନ୍ଦ୍ର ସାହୁଙ୍କ ସମେତ ଶତାଧିକ କଂଗ୍ରେସ ଓ ଭାଜପା ଦଳର କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ନୂତନ କର୍ମୀମାନଙ୍କୁ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ।



## ଯୁବକଙ୍କ ଚାପୁଡ଼ାରେ ଶିଶୁ ଗୁରୁତର

ଅନୁଗୋଳ,୧୮।୫ (ଅମିତ କୁମାର ସାମଲ)

ଅନୁଗୋଳ ଟାଉନ୍ ଥାନା ସୌଭାଗ୍ୟନଗରରେ ଠାରେ ଯୁବକଙ୍କ ଚାପୁଡ଼ାରେ ଜଣେ ଶିଶୁ ଗୁରୁତର ହୋଇଛନ୍ତି। ଶିଶୁଜଣଙ୍କ ରାସ୍ତାରେ ଖେଳୁଥିବାବେଳେ ସେହି ଅଞ୍ଚଳର ଜନୈକ ଯୁବକ ତାଙ୍କୁ କୌଣସି କାରଣରୁ ଚାପୁଡ଼ା ମାରିଥିଲେ। ଫଳରେ ଶିଶୁଙ୍କ ଓଠ ଫାଟିଯିବା ସହ ନାକରୁ ରକ୍ତସ୍ରାବ ହୋଇଥିଲା। ପରିବାର ଲୋକେ ତାଙ୍କୁ ଚିକିତ୍ସା କରିବା ପରେ ଯୁବକଙ୍କ ବିରୋଧରେ ଅନୁଗୋଳ ଥାନାରେ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ପୋଲିସ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

## କଂଗ୍ରେସରେ ମିଶିଲେ ବିଜେଡି, ଭାଜପା କର୍ମୀ



ଅନୁଗୋଳ,୧୮।୫ (ଅମିତ କୁମାର ସାମଲ)

ଅନୁଗୋଳ କଂଗ୍ରେସ ଭବନଠାରେ ଅନୁଗୋଳ ଜିଲା କଂଗ୍ରେସ କମିଟି ପକ୍ଷରୁ ଏକ ମିଶ୍ରଣ ପର୍ବ ଜିଲା ସଭାପତି ଅମ୍ବିକା ପ୍ରସାଦ ଭଞ୍ଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଶାବଳଭଙ୍ଗା ତଥା ଆଖପାଖ ଅଞ୍ଚଳର ପ୍ରାୟ ଶତାଧିକ ବିଜେଡି ଓ ଭାଜପା କର୍ମୀ କଂଗ୍ରେସ ଦଳରେ ସାମିଲ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ବେଣୁଧର ସାହୁ, ପ୍ରଦେଶ କଂଗ୍ରେସ ମୁଖପାତ୍ର ଜଗଦାନନ୍ଦ ପ୍ରଧାନ, ଜିଲା ମିଡିଆ ସେଲର ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ନାଥ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ସବିତା ଧୀର, ଭଗବାନ ସାହୁ, ମହମ୍ମଦ ଅଲ୍ଲୀ ହୁସେନ ଖାନ, ଚିତ୍ତରଞ୍ଜନ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ତୁରୁଡ଼ାରେ ବିଜେଡିର ମିଶ୍ରଣ ପର୍ବ

ବଇଣ୍ଡା,୧୮।୫(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ତୁରୁଡା ଗ୍ରାମରେ ଶୁକ୍ରବାର ବିଜେଡି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଦଳୀମୁଣ୍ଡା ପଞ୍ଚାୟତର ଭାଜପା ନେତା ସଚିଦାନନ୍ଦ ବିଶ୍ୱାଳ, ନବୀନ ସାହୁ, ଠେଲକନାଳି ପଞ୍ଚାୟତର ସନତ କୁମାର ପ୍ରଧାନ, କୁମର ସାହୁ, ମନୋଜ ସାହୁ, ରଞ୍ଜିତ ସାହୁଙ୍କ ସମେତ ୨୦ ଜଣ ଅନ୍ୟ ଦଳର କର୍ମୀ ବିଜେଡିରେ ଯୋଗ ଦେଇଛନ୍ତି। ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ।



## କଂଗ୍ରେସ ପ୍ରାର୍ଥୀଙ୍କ ଘର ଘର ବୁଲି ଭୋଟ ଭିକ୍ଷା



କଣିହାଁ,୧୮।୫(ସଚ୍ଚିଦାନନ୍ଦ ପ୍ରଧାନ)

ତାଳଚେର ନିର୍ବାଚନ ମଣ୍ଡଳୀ କଣିହାଁ ବ୍ଲକ ୯ ନମ୍ବର ଜୋନ୍‌ର ବିଭିନ୍ନ ଗ୍ରାମରେ ଶୁକ୍ରବାର କଂଗ୍ରେସ ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ଚନ୍ଦ୍ର ଦାସ ପ୍ରଚାର କରି ଭୋଟ ଭିକ୍ଷା କରିଛନ୍ତି। ହାତ ଚିହ୍ନରେ ଭୋଟ ଦେବାକୁ ସେ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଅପରାହ୍ନରେ ବଡଗୁଣ୍ଡୁରି, ବଇଣ୍ଡା, ଦେଭୂଇଁ, ଲୁହାମରା, ବଡହୀରା ଗ୍ରାମରେ ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲଙ୍କ ସହିତ ପିସିସି ମୁଖପାତ୍ର ଜଗଦାନନ୍ଦ ପ୍ରଧାନ, ଯୁବନେତା ଲଳିତ ମୋହନ ପ୍ରଧାନ, ପୂର୍ବତନ ସରପଞ୍ଚ କୁଶଧ୍ୱଜ ସାମଲ, ବରିଷ୍ଠ କାର୍ଯ୍ୟକର୍ତ୍ତା ଶିବରାମ ଦାସ, ବିରଞ୍ଚି ବେହେରା, ଛାତ୍ରନେତା ଧୀରେନ ସାହୁ, ଶ୍ରମିକ ସଙ୍ଗଠନ ନେତା ବିମଳ କୁମାର ପ୍ରଧାନ ପ୍ରମୁଖ ଘର ଘର ବୁଲି ଭୋଟ ଭିକ୍ଷା କରିଥିଲେ।

## ବିଶ୍ୱ ରକ୍ତଚାପ ଦିବସରେ ସଚେତନତା

ଅନୁଗୋଳ,୧୮।୫(ଅମିତ କୁମାର ସାମଲ)

ରୋଟାରି କ୍ଲବ ଅନୁଗୋଳ ରୟାଲ ଏବଂ ଭାରତୀୟ ଚିକିତ୍ସକ ସଂଘ ଅନୁଗୋଳ ଶାଖା ପକ୍ଷରୁ ବିଶ୍ୱ ରକ୍ତଚାପ ଦିବସ ଏବଂ ସଚେତନତା ପଦଯାତ୍ରା ମୁଖ୍ୟ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶିବାନନ୍ଦ ମହାନ୍ତି ଉଦ୍‌ଘାଟନ କରିଥିଲେ। ରୋଟାରି ରୟାଲର ସଭାପତି ଡା. ମାଇକେଲ ଜନ ଏବଂ ଆଇଏମଏ ଅନୁଗୋଳ ଶାଖା ସଭାପତି ଡା. ବିଚ୍ଛନ୍ଦ ଚରଣ ପ୍ରଧାନ ନେତୃତ୍ୱ ନେଇଥିଲେ। ଆଇଏମଏ ଅନୁଗୋଳ ଶାଖା ତରଫରୁ ଡା. ଜି.ଆର. ବିଶ୍ୱାଳ, ଡା. ନୀଳମାଧବ ପ୍ରଧାନ, ଡା. ପି.କେ. ମହାନ୍ତି, ଡା. ପି.କେ. ଧର, ଡା. ସୁଷମା ଚୌଧୁରୀ, ଡା. ଲୋପାମୁଦ୍ରା ଏବଂ ଡା. ନମିତା ରକ୍ତଚାପ ବିଷୟରେ ସଚେତନ କରିଥିଲେ। ରୋଟାରି କ୍ଲବ ସମ୍ପାଦକ କୈଳାସ ଅଗ୍ରୱାଲା, ଡା. ବିଶ୍ୱଜିତ ସାମଲ, ଡା. ଦେବାଶିଷ ପ୍ରଧାନ, ବାଣୀଦେବ, ମଧୁ ଗୁପ୍ତା, ଅଶୋକ କୁମାର ମାଣ୍ଡୋଠିଆ, ନିହାର ରଞ୍ଜନ ପ୍ରସାଦ ଏବଂ ଜୟ ପ୍ରକାଶ ମୋଦି ସହଯୋଗ କରିଥିଲେ। ଡା. କୁମାର ସୋମ୍ୟକାନ୍ତ ବିଶୋଇ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।




## କଂଗ୍ରେସର କର୍ମୀ ସମ୍ମିଳନୀ

ଛେଣ୍ଡିପଦା,୧୮।୫(ଅଜିତ ଧଳ)

ଛେଣ୍ଡିପଦା ବନଦୁର୍ଗା ପୀଠ ନିକଟରେ ଶୁକ୍ରବାର ନିର୍ବାଚନ ମଣ୍ଡଳୀସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଭାପତି ଗଗନ ବିହାରୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ସମ୍ମିଳନୀରେ ପୂର୍ବତନ ବ୍ଲକ ସଭାପତି ଉମେଶ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ସମ୍ବଲପୁର ଲୋକ ସଭା କଂଗ୍ରେସ ଏମ୍‌ପି ପ୍ରାର୍ଥୀ ନଗେନ୍ଦ୍ର ପ୍ରଧାନ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରାର୍ଥୀ ନରୋତ୍ତମ ନାୟକ, ନିର୍ବାଚନ ମଣ୍ଡଳୀ ପ୍ରଭାରୀ ପ୍ରେମଶଙ୍କର ମିଶ୍ର, କଂଗ୍ରେସ ନେତା ଗୋବିନ୍ଦ ଚନ୍ଦ୍ର ନାଏକ, ପଦ୍ମଚରଣ ମାଝି, ନିରଞ୍ଜନ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ବିପିନ ବିହାରୀ ପାତ୍ର ଧନ୍ୟବାଦ ଦେଇଥିଲେ।




## ଅଶୋକ, ରୁଦ୍ରଙ୍କ ପାଇଁ ଭୋଟ ମାଗିଲେ ହେମାମାଳିନୀ

### ପାଲଲହଡ଼ାରେ ଭାଜପାର ଷ୍ଟାର ପ୍ରଚାରକ

ପାଲଲହଡା,୧୮।୫ (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ଅଶୋକ ମହାନ୍ତି ଏବଂ ଢେଙ୍କାନାଳ ଏମ୍‌ପି ପ୍ରାର୍ଥୀ ରୁଦ୍ର ନାରାୟଣ ପାଣିଙ୍କ ପାଇଁ ଶନିବାର ପାଲଲହଡ଼ାରେ ପଚାର କରିଛନ୍ତି ବଲିଉଡ ଅଭିନେତ୍ରୀ, ଏମ୍‌ପି ତଥା ଭାଜପାର ଷ୍ଟାର ପ୍ରଚାରକ ଡ୍ରିମଗାର୍ଲ ହେମାମାଳିନୀ। ଅପରାହ୍ନ ପ୍ରାୟ ଗୋଟାଏ ବେଳେ ହେମାମାଳିନୀ ହେଲିକପ୍ଟର ଯୋଗେ ପାଲଲହଡ଼ାରେ ପହଞ୍ଚିବା ପରେ ଆୟୋଜିତ ସାଧାରଣ ସଭାରେ ଉଦ୍‌ବୋଧନ ଦେଇ ଦେଶରେ ମୋଦି ଗ୍ୟାରେଣ୍ଟି ଏବଂ ଓଡିଶାରେ ଡବଲ ଇଞ୍ଜିନ ସରକାର ପାଇଁ ପଦ୍ମ ଫୁଲରେ ଭୋଟ ଦେବାକୁ ନିବେଦନ କରିଥିଲେ। ହେମାମାଳିନୀଙ୍କୁ ଦେଖିବା ପାଇଁ ୪ ହଜାରରୁ ଅଧିକ ମହିଳା ଓ ପୁରୁଷ ସଭାରେ ଯୋଗଦେଇଥିଲେ। ଏହି ଅବସରରେ କଂଗ୍ରେସରୁ ଇସ୍ତଫା ଦେଇଥିବା ଶ୍ରମିକ ନେତା ମନୋଜ ସାହୁ ଏବଂ ରଜଡଙ୍ଗ ସରପଞ୍ଚ ନିଜ ସମର୍ଥକମାନଙ୍କ ସହ ଭାଜପାରେ ଯୋଗ ଦେଇଥିଲେ। ବିଧାୟକ ପ୍ରାର୍ଥୀ ଅଶୋକ ମହାନ୍ତି, ଏମ୍‌ପି ପ୍ରାର୍ଥୀ ରୁଦ୍ରନାରାୟଣ ପାଣି, ଭାଜପାର ବରିଷ୍ଠ କାର୍ଯ୍ୟକର୍ତ୍ତା ଲିଙ୍ଗରାଜ ଦାସ, ତନ୍ମୟ କୁମାର ସାହୁ, ନୃସିଂହ ବରାଳ, ସରୋଜ ସାହୁ ତଥା ନାରୀ ନେତ୍ରୀ ବସନ୍ତ ମଞ୍ଜରୀ ପ୍ରଧାନ, ଶୋଭାଙ୍ଗିନୀ ପ୍ରଧାନ, ଅଜିତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।



# ଶାନ୍ତିପୂର୍ଣ୍ଣ ଭାବେ ନିର୍ବାଚନ କାର୍ଯ୍ୟ ସାରିବାକୁ ପରାମର୍ଶ

**ସ୍ୱତନ୍ତ୍ର ସାଧାରଣ ଓ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା**

ଢେଙ୍କାନାଳ,୧୮।୫(ରତନ ନାୟାର)

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଶନିବାର ଅପରାହ୍ଣରେ ସ୍ୱତନ୍ତ୍ର ସାଧାରଣ ପର୍ଯ୍ୟବେକ୍ଷକ ଯୋଗେନ୍ଦ୍ର ତ୍ରିପାଠୀ, ସ୍ୱତନ୍ତ୍ର ଆରକ୍ଷୀ ପର୍ଯ୍ୟବେକ୍ଷକ ରଜନିକାନ୍ତ ମିଶ୍ର, ସ୍ୱତନ୍ତ୍ର ନିର୍ବାଚନୀ ଖର୍ଚ୍ଚ ପର୍ଯ୍ୟବେକ୍ଷକ ହିମାଳିନୀ କାଶ୍ୟପ, ସାଧାରଣ ପର୍ଯ୍ୟବେକ୍ଷକ ଅଞ୍ଜୁ ଚୌଧୁରୀଙ୍କ ସମେତ ୯-ଢେଙ୍କାନାଳ ଲୋକସଭା କ୍ଷେତ୍ରର ଆରକ୍ଷୀ ପର୍ଯ୍ୟବେକ୍ଷକ ଦୀପକ ରଞ୍ଜନ, ଖର୍ଚ୍ଚ ପର୍ଯ୍ୟବେକ୍ଷକ କାର୍ତ୍ତିକେୟନ ପାଣ୍ଡି, ଢେଙ୍କାନାଳ, ହିନ୍ଦୋଳ, ପରଜଙ୍ଗ ଓ କାମାକ୍ଷାନଗରର ଖର୍ଚ୍ଚ ପର୍ଯ୍ୟବେକ୍ଷକ ଧନିକା ଶର୍ମା ପ୍ରମୁଖ ଢେଙ୍କାନାଳ ଲୋକ ସଭା ଓ ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀର ଏକକାଳୀନ ସାଧାରଣ ନିର୍ବାଚନ ନିମନ୍ତେ ସମସ୍ତ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ବ୍ୟବସ୍ଥିତ ନିର୍ବାଚନ ନିମନ୍ତେ ନିର୍ବାଚନ ପରିଚାଳନାରେ ଥିବା ସମସ୍ତ କର୍ମଚାରୀଙ୍କୁ


ସ୍ୱତନ୍ତ୍ର ସାଧାରଣ ଓ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନିର୍ବାଚନ ସମ୍ପର୍କିତ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

ଦିଆଯାଉଥିବା ପ୍ରଶିକ୍ଷଣ ବ୍ୟବସ୍ଥା, ଭୋଟଗ୍ରହଣ ନିମନ୍ତେ ବୁଥ ଗୁଡିକରେ ହୋଇଥିବା ସମସ୍ତ ବ୍ୟବସ୍ଥା, ଭୋଟ ଗଣତି ନିମନ୍ତେ ଆନୁଷଙ୍ଗିକ ସମସ୍ତ ବ୍ୟବସ୍ଥା, ଏମ୍‌ସିଏମ୍‌ସି ଓ ଅଭିଯୋଗ କଣ୍ଟ୍ରୋଲ ରୁମର କର୍ଯ୍ୟକାରିତା, ନିର୍ବାଚନୀ ଖର୍ଚ୍ଚ ଆକଳନ ବ୍ୟବସ୍ଥା, ନିର୍ବାଚନ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ବିହିତ ନିରାପତ୍ତା ବ୍ୟବସ୍ଥା, ପାଟ୍ରୋଲିଂ ଓ ଗାଡିମୋଟର ଚେକିଂ, ଅଧିକ ଭୋଟଦାନ ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଆଦି ସମ୍ପର୍କରେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଅମ୍ରିତ ଋତୁରାଜ, ସ୍ୱତନ୍ତ୍ର ସାଧାରଣ ପର୍ଯ୍ୟବେକ୍ଷକ ଓ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକମାନଙ୍କୁ ସବିଶେଷ ବୁଝାଇ କହିଥିଲେ। ଜିଲାରେ ଯେପରି ଶାନ୍ତିପୂର୍ଣ୍ଣ ଭାବେ ସମସ୍ତ ନିର୍ବାଚନ କାର୍ଯ୍ୟ ଶେଷ ହେବ, ସେଥିପ୍ରତି ନିର୍ବାଚନ କାର୍ଯ୍ୟରେ ଲିପ୍ତଥିବା ସମସ୍ତ ଅଧିକାରୀ ଓ କର୍ମଚାରୀ ନିଷ୍ଠାର ସହିତ କାର୍ଯ୍ୟ କରିବା ପାଇଁ ସ୍ୱତନ୍ତ୍ର ସାଧାରଣ ପର୍ଯ୍ୟବେକ୍ଷକ ପରାମର୍ଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଏସ୍‌ପି ମଡକର ସନ୍ଦିପ ସମ୍ପଦ, ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶଚନ୍ଦ୍ର ସେଠୀ, ଖର୍ଚ୍ଚର ମନିଟରିଂ ନୋଡାଲ ଅଫିସର ତଥା ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁଙ୍କ ସମେତ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ସମସ୍ତ ଅଧିକାରୀ ଓ କର୍ମଚାରୀ ଯୋଗଦେଇ ନିର୍ବାଚନ କାର୍ଯ୍ୟ ସମ୍ପର୍କରେ ଆବଶ୍ୟକ ସୂଚନା ପ୍ରଦାନ କରିଥିଲେ।

# ଶିକ୍ଷକଙ୍କୁ ରାଜ୍ୟପାଳ ପୁରସ୍କାର

ଢେଙ୍କାନାଳ,୧୮।୫(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ରାଧାକାନ୍ତଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟ ମାଣିପୁରର ସହକାରୀ ଶିକ୍ଷକ ବିଶ୍ୱରଞ୍ଜନ ମହାରଣାଙ୍କୁ ରାଜ୍ୟପାଳ ପୁରସ୍କାର ପ୍ରଦାନ କରାଯାଇଛି। ରାଜ୍ୟ ସ୍କାଉଟ୍ସ ଓ ଗାଇଡ୍ସ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶିକ୍ଷକ ମହାରଣା ଏହି ପୁରସ୍କାର ପାଇଛନ୍ତି। ଦୀର୍ଘ ୧୫ ବର୍ଷର ଶିକ୍ଷକତା କାଳରେ ସେ ତାଙ୍କର ନିଷ୍ଠାପର ପ୍ରଚେଷ୍ଟା ବଳରେ ୬୦ରୁ ଅଧିକ ରାଜ୍ୟପାଳ ପୁରସ୍କାରପ୍ରାପ୍ତ କବ୍ ସୃଷ୍ଟି କରିଛନ୍ତି। ରାଜଭବନ ପରିସରରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ରାଜ୍ୟପାଳ ରଘୁବର ଦାସ ଶିକ୍ଷକ ବିଶ୍ୱରଞ୍ଜନ ମହାରଣାଙ୍କୁ ଷ୍ଟାର ବ୍ୟାଚ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ମହାରଣା ରାଜ୍ୟପାଳ ପୁରସ୍କାର ପାଇ ସଦର ବ୍ଲକ ଓ ଢେଙ୍କାନାଳ ଜିଲାକୁ ଗୌରବାନ୍ୱିତ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ରାଜ୍ୟ ସ୍କାଉଟ୍ସ ଗାଇଡ୍ସ ମୁଖ୍ୟ କମିଶନର ଡ. କାଳୀପ୍ରସାଦ ମିଶ୍ର, ରାଜ୍ୟ ଗାଇଡ୍ସ କମିଶନର ଅନାମିକା ଦାସ, ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତି, ଅତିରିକ୍ତ ଜିଲା ଶିକ୍ଷାଅଧିକାରୀ ସସ୍ମିତା ସାହୁ, ରାଜ୍ୟ କ୍ରୀଡ଼ା ଉପନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ପରିଡା, ସଦର ବ୍ଲକ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାନସୀବାଳା ମାହନ୍ତ ପ୍ରମୁଖ ଶିକ୍ଷକ ମହାରଣାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।


ଶିକ୍ଷକଙ୍କୁ ରାଜ୍ୟପାଳ ପୁରସ୍କାର।



ଭୁବନ ବାଜିରାଉତ କଲେଜର ଯୁକ୍ତ ୩ ପ୍ରଥମ ବର୍ଷ କଳା ଛାତ୍ରୀ ବୀଣାପାଣି ବିହାରୀ ଚେନ୍ନାଇ ସୁପରକିଙ୍ଗର ଖେଳାଳି ମହେନ୍ଦ୍ର ସିଂ ଧୋନିଙ୍କ ଏକ ଫଟୋଚିତ୍ର ରଙ୍ଗୋଲିରେ ଅଙ୍କନ କରିଛନ୍ତି।

# କଟୁରି ଚୋଟରେ ଦୋକାନୀ ଗୁରୁତର

ଅନୁଗୋଳ,୧୮।୫ (ଅମିତ କୁମାର ସାମଲ)

ଅନୁଗୋଳ ଟାଉନ ଥାନା ଇକୋ ପାର୍କ ନିକଟରେ ଥିବା ଜଣେ ଚା ଦୋକାନୀଙ୍କୁ କଟୁରିରେ ଆକ୍ରମଣ ହୋଇଛି। ଏହି ଆକ୍ରମଣରେ ରାଜକିଶୋରପଡ଼ାର ମିର୍ଜା ଫିରୋଜ୍ ବେଗ୍ ଗୁରୁତର ହୋଇଛନ୍ତି। ଘଟଣା ସମ୍ପର୍କରେ ଅନୁଗୋଳ ଟାଉନ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ନଂ. ୪୭୧/୨୪ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ମିର୍ଜା ଇକୋ ପାର୍କ ନିକଟରେ ଚା ଦୋକାନ କରିଛନ୍ତି। ୩ ଜଣ ଗ୍ରାହକ ଆସି ଚା ଓ ସିଗାରେଟ୍ ମାଗିଥିଲେ। ଏହାପରେ ସେମାନେ ଧରିଥିବା ଏକ କଟୁରିରେ ଦୋକାନୀଙ୍କ ବାମ ହାତ, ପିଠିକୁ ଆକ୍ରମଣ କରିଥିଲେ। ଏ ନେଇ ମିର୍ଜା ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ କରୁଛି।

# ଟାଟାଷ୍ଟିଲ୍ ଫାଉଣ୍ଡେଶନ ପକ୍ଷରୁ ଜାତୀୟ ଡେଙ୍ଗୁ ଦିବସ

ଢେଙ୍କାନାଳ,୧୮।୫(ରତନ ନାୟାର)

ପ୍ରତିବର୍ଷ ମେ ୧୬ ତାରିଖରେ ଜାତୀୟ ଡେଙ୍ଗୁ ଦିବସ ପାଳିତ ହୋଇଥାଏ। ଏହି ଉପଲକ୍ଷେ ଶୁକ୍ରବାର ଟାଟାଷ୍ଟିଲ ଫାଉଣ୍ଡେଶନ (ଟିଏସ୍‌ଏଫ୍) ପକ୍ଷରୁ ଜାତୀୟ ଡେଙ୍ଗୁ ଦିବସ ପାଳନ ଅବସରରେ ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ଖଡଗପ୍ରସାଦ ଓ ଧଳପୁର ଉପକେନ୍ଦ୍ରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଡେଙ୍ଗୁ ପ୍ରତିରୋଧ ଏକ ସୁରକ୍ଷିତ ଭବିଷ୍ୟତ ପାଇଁ ଆମର ଦାୟିତ୍ୱ ବିଷୟବସ୍ତୁ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମରେ ଡେଙ୍ଗୁ ପ୍ରତିରୋଧ ପାଇଁ ଆବଶ୍ୟକ ପଦକ୍ଷେପ ନିମନ୍ତେ ଗୋଷ୍ଠୀ ଓ ଅଂଶିଦାରଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଓ ଟିଏସ୍‌ଏଫ୍ ଜନସ୍ୱାସ୍ଥ୍ୟ ଟିମ୍ ସଦସ୍ୟଙ୍କ ନେତୃତ୍ୱରେ ଆୟୋଜିତ ଅଧିବେଶନରେ



ଟାଟାଷ୍ଟିଲ ଫାଉଣ୍ଡେଶନ ପକ୍ଷରୁ ଡେଙ୍ଗୁ ଦିବସରେ ଜନସାଧାରଣଙ୍କୁ ସଚେତନତା କରାଯାଉଛି।

ଡେଙ୍ଗୁର ଲକ୍ଷଣକୁ ଜାଣିବା, ଉପଲବ୍ଧ ଚିକିତ୍ସା ଓ ଡେଙ୍ଗୁର ପ୍ରତିରୋଧ ପାଇଁ ଜରୁରୀ ସୂଚନା ପ୍ରଦାନ କରାଯାଇଥିଲା। ଏହି ସଚେତନତା ରାଲି ପରେ ବ୍ୟାପକ ସୂଚନାଭିତ୍ତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଆଶା, ଏଏନ୍‌ଏମ୍, ଅଙ୍ଗନୱାଡି କର୍ମୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଓ ଟାଟାଷ୍ଟିଲ ଫାଉଣ୍ଡେଶନର ସ୍ୱେଚ୍ଛାସେବୀଙ୍କ ସମେତ ୬୦ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ। ଜନସ୍ୱାସ୍ଥ୍ୟର ପ୍ରସାର ଓ ଡେଙ୍ଗୁ ବିରୋଧରେ ଲେଢେଇରେ ଗୋଷ୍ଠୀ ସମ୍ପୃକ୍ତିକୁ ସୁଦୃଢ କରିବାରେ ଟାଟାଷ୍ଟିଲ ଫାଉଣ୍ଡେଶନ ପ୍ରତିବଦ୍ଧ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

# ରାସୋଳ ଅଞ୍ଚଳରେ ବିଜେଡିର ପ୍ରଚାର



ରାସୋଳ ଅଞ୍ଚଳରେ ବିଜେଡିର ପ୍ରଚାର।

ରାସୋଳ,୧୮।୫(ସରୋଜ ମିଶ୍ର)

ଢେଙ୍କାନାଳ ଜିଲା ହିନ୍ଦୋଳ ବିଜେଡି ବିଧାୟକ ପ୍ରାର୍ଥୀ ମହେଶ ସାହୁ ରାସୋଳ ଅଞ୍ଚଳରେ ଶନିବାର ମାରାଥନ ପ୍ରଚାର କରିଛନ୍ତି। ସୁକିଆବାଉତି ମନ୍ଦିରରୁ ପୂଜାପାଠ ସାରି କୁନୁଆ, ବୁହାଳିପାଳ, ଅଁଳାବେଡା, ବାଲିକିଆରୀ, ଢେଙ୍ଗା, ଛୋଟାପଡା, ଜରଡା, ବାଙ୍କଟିଆ, ବରପାଳ, ତେଲିଭୂଇଁ, ନାଉକିଆରୀ, ନଳତୋଟା ସାହି ଦେଇ ରାସୋଳ କଲୋନୀ ସାହି, ରାସୋଳ, ମୁଣ୍ଡିଆପଶି, ନୂଆପାଟଣା, ବାହାଲୁଣ୍ଡା ଦେଇ ବିଶାଳ ବାଇକ ଶୋଭାଯାତ୍ରା କରିଥିଲେ। ତାଙ୍କ ସହିତ ସାଧାରଣ ସମ୍ପାଦକ ଅଶୋକ ନାୟକଙ୍କ ସମେତ ଜିଲା ପରିଷଦ ସଦସ୍ୟ, ସରପଞ୍ଚ ଓ ସମିତି ସଭ୍ୟ ସାମିଲ ହୋଇଥିଲେ। ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ଲୋକମାନଙ୍କୁ ସେ ନିବେଦନ କରିଥିଲେ।

# ପୋଖରୀରେ ବୁଡ଼ି ନାବାଳିକା ମୃତ

ଅନୁଗୋଳ,୧୮।୫ (ଅମିତ କୁମାର ସାମଲ)

ପୋଖରୀରେ ବୁଡ଼ି ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସୂଚନା ମୁତାବକ ବନ୍ତଳା ଥାନା ବଡ଼କେରା ପଞ୍ଚାୟତର ଚମ୍ପତିମୁଣ୍ଡା ଗ୍ରାମର ଶ୍ରୀକାନ୍ତ ବିଶ୍ୱାଳଙ୍କ ଝିଅ ଶ୍ରୀୟା ବିଶ୍ୱାଳ (୧୪) ଗାଁ ଠାରୁ ୨ଶହ ମିଟର ଦୂରରେ ଥିବା ଗାଁ ପୋଖରୀକୁ ୪ ପାଞ୍ଚଜଣ ସାଙ୍ଗଙ୍କ ସହିତ ପୂର୍ବାହ୍ନ ୧୧ଟାରେ ଗାଧୋଇବାକୁ ଯାଇଥିଲେ। ହେଲେ ଗୋଡ଼ ଖସି ଯିବାରୁ ଶ୍ରୀୟା ଗଭୀର ପାଣିରେ ବୁଡି ଯାଇଥିଲେ। ପୋଖରୀ ଆରପଟେ ଜଣେ ବୃଦ୍ଧ ଶ୍ରୀୟା ବୁଡିଯାଉଥିବା ଦେଖି ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ଖବରପାଇ ଗାଁ ଲୋକେ ଘଟଣାସ୍ଥଳରେ ପହଞ୍ଚି ଶ୍ରୀୟାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ପ୍ରାଥମିକ ଚିକିତ୍ସା କରି ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା।

# ପୌରାଞ୍ଚଳରେ ସୁଧୀରଙ୍କ ମାରାଥନ ପ୍ରଚାର


ପୌରାଞ୍ଚଳରେ ପ୍ରଚାର ସମୟରେ ବିଜେଡି ବିଧାୟକ ପ୍ରାର୍ଥୀ ସୁଧୀର କୁମାର ସାମଲ ଆଶୀର୍ବାଦ ନେଉଛନ୍ତି।

ଢେଙ୍କାନାଳ,୧୮।୫(ରତନ ନାୟାର)

**ୱାର୍ଡ ବୁଲିଲେ, ଆଶୀର୍ବାଦ ମାଗିଲେ**

ଢେଙ୍କାନାଳ ପୌରାଞ୍ଚଳରେ ବିଜେଡି ବିଧାୟକ ପ୍ରାର୍ଥୀ ତଥା ବିଧାୟକ ସୁଧୀର କୁମାର ସାମଲ ଶନିବାର ପୂର୍ବାହ୍ନ ୧୦ଟାରୁ ମାରାଥନ ପ୍ରଚାର ଆରମ୍ଭ କରିଥିଲେ। ସେ ପ୍ରଥମେ ପୌରାଞ୍ଚଳର ୧ନଂ. ୱାର୍ଡର ବିଭିନ୍ନ ଅଞ୍ଚଳ ବୁଲି ଲୋକମାନଙ୍କ ଠାରୁ ଆଶୀର୍ବାଦ ମାଗିଥିବା ବେଳେ ପରେ ୨, ୩, ୪, ୫ ଓ ୬ନଂ ୱାର୍ଡ ବୁଲି ଘରକୁ ଘର ଯାଇ ଲୋକମାନଙ୍କୁ ଭୋଟ ମାଗୁଥିବା ଦେଖାଯାଇଥିଲା। ତାଙ୍କ ସହିତ ପୌର ଉପାଧ୍ୟକ୍ଷ ପ୍ରକାଶ କୁଅଁର, ରାଜ୍ୟ ମହିଳା ବିଜେଡି ଉପସଭାପତି ସାଇଶ୍ରୀ ପଟ୍ଟନାୟକ, ଜିଲା ବିଜେଡି ସାଧାରଣ ସମ୍ପାଦକ ଦେବାଶିଷ ମିଶ୍ର, ଜଗଦୀଶ ସାମଲ, ଜିଲା ମହିଳା ବିଜେଡି ସଭାପତି ସାଗରିକା ମିଶ୍ର, ଟାଉନ ବିଜେଡି ସଭାପତି ବିନୋଦ ମହାନ୍ତି, କାଉନସିଲର ସନ୍ଦୀପ ଷଡଙ୍ଗୀ, ଅଭିମନ୍ୟୁ ପଣ୍ଡା, ଗଙ୍ଗାଧର ରାଉତ ଓ ରଞ୍ଜନ ନାୟକଙ୍କ ସମେତ ବହୁ ସଂଖ୍ୟାରେ ନେତୃବୃନ୍ଦ, କର୍ମୀ ଓ କାଉନସିଲର ପ୍ରଚାରରେ ସାମିଲ ହୋଇଥିଲେ। ଓଡ଼ିଆ ଚଳଚ୍ଚିତ୍ର ଅଭିନେତ୍ରୀ ସ୍ୱପ୍ନା ପ୍ରିୟଦର୍ଶିନୀ ମଧ୍ୟ ଏହି ପ୍ରଚାରରେ ସାମିଲ ହୋଇଥିଲେ।

# ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ସଚେତନତା

ପରଜଙ୍ଗ,୧୮।୫
(ନିଗମାନନ୍ଦ ଦଳବେହେରା)

ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ଆନୁକୂଲ୍ୟରେ ଶୁକ୍ରବାର ଢେଙ୍କାନାଳ ଜିଲା ପରଜଙ୍ଗ ଅଞ୍ଚଳରେ ନିଶା ମୁକ୍ତି ଓଡ଼ିଶା ଦାବିରେ ନିଶା ନିବାରଣ ଅଭିଯାନର ପ୍ରଚାର ପତ୍ର ଲଗାଯିବା ସହିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରଜଙ୍ଗର ବିଭିନ୍ନ ସ୍ଥାନରେ ପ୍ରଚାର ପତ୍ର ଲଗାଯାଇଥିଲା। ଏହି ପ୍ରଚାରପତ୍ରରେ ଉଲ୍ଲେଖ ଅଛି 'ନିଶା ନିବାରଣ କରିବ ଯିଏ ଆମରି ଭୋଟ ପାଇବ ସିଏ'। ଓଡ଼ିଶାକୁ ମଦ ମୁକ୍ତ କରିବା ଦିଗରେ (ମୋନା)ର ଏହା ଏକ ପ୍ରୟାସ। ଏହି କାର୍ଯ୍ୟକ୍ରମରେ ମୋନା ତଥା ଉତ୍କଳ ସର୍ବୋଦୟ ମଣ୍ଡଳର ସମ୍ପାଦକ ରମାକାନ୍ତ ମଣ୍ଡଳ, ପ୍ରଦୀପ ସାହୁ, ଉର୍ବଶୀ ନାୟକ, ବବିତା ବେହେରା, ବିନୟ ସାହୁ, ସଚିତ୍ର ନାୟକ ସାମିଲ ଥିଲେ।



# ଶନିଶ୍ଚର ମହାଗ୍ରହ ଯଜ୍ଞ ଉପଲକ୍ଷେ କଳସଯାତ୍ରା


ଗୁବୁଲି ଟାଉନ୍‌ସ୍ଥିତ ମା' ବୁଢୀ ଦେବୀଙ୍କ ବିଜୟସ୍ଥଳୀରେ ଶନିଶ୍ଚର ମହାଗ୍ରହ ଯଜ୍ଞ ଉପଲକ୍ଷେ କଳସଯାତ୍ରା।

ଢେଙ୍କାନାଳ,୧୮।୫(ରତନ ନାୟାର)

ଢେଙ୍କାନାଳ ସହର ଗୁବୁଲି ଟାଉନ୍‌ସ୍ଥିତ ମା' ବୁଢୀ ଦେବୀଙ୍କ ବିଜୟସ୍ଥଳୀରେ ମା' ବୁଢୀଦେବୀଙ୍କ ଚଣ୍ଡୀଯଜ୍ଞ ସହିତ ଶନିଶ୍ଚର ମହାଗ୍ରହ ଯଜ୍ଞ ଆରମ୍ଭ ହୋଇଛି। ଏହା ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଶତାଧିକ ମହିଳା କଳସରେ ପାଣି ଆଣି ଯଜ୍ଞ ମଣ୍ଡପରେ ଘଟ ସ୍ଥାପନ କରିଥିଲେ। ମୁଖ୍ୟ ପୂଜକ ଶୁଭେନ୍ଦୁ କୁମାର ଦାଶ, କାମେଶ ନନ୍ଦ ଓ ବିରଞ୍ଚି ପ୍ରସାଦ ନନ୍ଦ, ମନ୍ଦିରର ମୁଖ୍ୟ ପୂଜକ ରାଜକିଶୋର ମିଶ୍ର, ପର୍ଶୁରାମ କର ଏବଂ ମୁଖ୍ୟ ଦେହୁରୀ ଫକୀର ଦେହୁରୀ, କର୍ତ୍ତା ଲିଙ୍ଗରାଜ ସାହୁ, ରେବତୀ ସାହୁ, ଶିଶିର କୁମାର ବାରିକ, ସସ୍ମିତା ବାରିକ, ସରୋଜ ମହାନ୍ତି ଓ ବୁନୁ ବରାଳ ପୂଜାକାର୍ଯ୍ୟ ସମ୍ପାଦନ କରୁଛନ୍ତି। କର୍ମକର୍ତ୍ତା ଅକ୍ଷୟ ଆଚାର୍ଯ୍ୟ, ସାଗରବିନ୍ଦୁ ପଟ୍ଟନାୟକ, ସୁଶାନ୍ତ ବାରିକ, ବିଚିତ୍ରା ବରାଳ, ରାକେଶ ଷଡଙ୍ଗୀ, ଅମି ଦାସ, ଦେବୁ ପଟ୍ଟନାୟକ ପ୍ରମୁଖ ପରିଚାଳନା କରୁଛନ୍ତି।

## ପଞ୍ଚାୟତ ସମିତି ସଭାଗୃହରେ ଅଗ୍ନିକାଣ୍ଡ

କାମାକ୍ଷାନଗର,(ସୁଧୀର ପରିଡ଼ା): କାମାକ୍ଷାନଗର ପଞ୍ଚାୟତ ସମିତି ସଭାଗୃହରେ ଶୁକ୍ରବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନ ଥିବାବେଳେ ବିଦ୍ୟୁତ୍ ଶର୍ଟସର୍କିଟ୍‌ରୁ ଏହା ଘଟିଥିବା ଅନୁମାନ କରାଯାଉଛି। ସଭାଗୃହରେ ଥିବା ଚୌକି, ଟେବୁଲ, ସାଉଣ୍ଡ, ଗୃହ ସୌନ୍ଦର୍ଯ୍ୟ ଉପକରଣ ଓ ଅନ୍ୟାନ୍ୟ ସାମଗ୍ରୀ ଜଳିଯାଇଛି। ଖବରପାଇ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ବାର୍‌ହା ଶିକାରୀଙ୍କୁ ଗିରଫ କରୁନି ବନବିଭାଗ

### ଡିଏଫଓଙ୍କଠାରେ ଅଭିଯୋଗ

ବଇଣ୍ଡା,୧୮।୫(ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜରେ କିଛିଦିନ ହେବ ଜନ୍ତୁ ଶିକାର ବଢିବାରେ ଲାଗିଛି। ବନ ବିଭାଗ ପକ୍ଷରୁ ଚଢାଉ କରାଯାଉ ନ ଥିବା ବେଳେ ଶିକାରୀମାନେ ଅବାଧ ଶିକାର କରୁଥିବା ଜଣାପଡିଛି। ଗୁରୁବାର ପାଇକସାହି ସେକ୍ସନ ଅଧୀନରେ ଏକ ବାର୍‌ହା ଶିକାର ହୋଇଥିବାବେଳେ ଏହାର ମାଂସକୁ ଜଣେ ଶିକ୍ଷକ ଚାଲାଣ କରୁଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଶିକ୍ଷକ ଜନ୍ତୁ ମାଂସ କାରବାରରେ ସମ୍ପୃକ୍ତ ଥିବାବେଳେ ତାଙ୍କୁ ବନବିଭାଗ ଗିରଫ କରୁ ନ ଥିବା ଯୋଗୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ପେଡିପଥର ସରପଞ୍ଚ ଭରତ ଚନ୍ଦ୍ର ସାହୁ ଶନିବାର ଆଠମଲ୍ଲିକ ଡିଏଫଓଙ୍କ ଠାରେ ଅଭିଯୋଗ କରିଛନ୍ତି।

ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି, ପାଇକସାହି ଅଞ୍ଚଳରେ ଥିବା ଏକ ଜଙ୍ଗଲରେ ଜଣେ ଶିକ୍ଷକ ଫାଶ ପକାଇ ଏକ ବାର୍‌ହା ଶିକାର କରିଥିଲେ। ପରେ ୨୦ କେ.ଜି ମାଂସ ବାଇକ୍ ଯୋଗେ ଏକ ଗ୍ରାମକୁ ଚାଲାଣ କରୁଥିବାବେଳେ କେତେଜଣ ଯୁବକ ତାଙ୍କୁ ଅଟକାଇବା ସହ ବନବିଭାଗକୁ ସୂଚନା ଦେଇଥିଲେ। ଏହି ସମୟରେ ଶିକ୍ଷକ ଜଣଙ୍କ ମାଂସକୁ ଫିଙ୍ଗି ବାଇକ ଛାଡି ଫେରାର ହୋଇଯାଇଥିଲେ। ଖବରପାଇ ପେଡିପଥର ସେକ୍ସନ ଓ ପାଇକସାହି ସେକ୍ସନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ ମଧ୍ୟ ଶିକ୍ଷକଙ୍କୁ ଧରିବାରେ ବିଫଳ ହୋଇଥିଲେ। ଡିଏଫଓଙ୍କଠାରେ ଅଭିଯୋଗ ପରେ ଘଟଣାସ୍ଥଳକୁ ଧଣ୍ଡାତୋପା ବନବିଭାଗର ଏକ ଟିମ୍ ଯାଇ ତଦନ୍ତ କରିଛି। ସମ୍ପୃକ୍ତ ଶିକ୍ଷକଙ୍କୁ ଗିରଫ କରିବା ପାଇଁ ଦାବି ହୋଇଛି। ଏ ନେଇ ଧଣ୍ଡାତୋପା ରେଞ୍ଜର ବବ୍ରୁବାହାନ ସାହୁ ଘଟଣା ଜାଣି ନ ଥିବା କହି ପ୍ରସଙ୍ଗକୁ ଏଡାଇ ଦେଇଥିଲେ।

# ବିଜେଡି ବିଧାୟକ, ଏମ୍‌ପି ପ୍ରାର୍ଥୀଙ୍କ ରୋଡ୍ ଶୋ



କାମାକ୍ଷାନଗର,୧୮।୫(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍‌ଏସି ଓ ବିଭିନ୍ନ ପଞ୍ଚାୟତରେ ବିଜେଡିର ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଓ ଏମ୍‌ପି ପ୍ରାର୍ଥୀ ଡା. ଅବିନାଶ ସାମଲ ଶନିବାର ରୋଡ୍ ଶୋ କରି ଭୋଟ ଭିକ୍ଷା କରିଛନ୍ତି। ସନ୍ଧ୍ୟାରେ ଏନ୍‌ଏସିର ଆଳତୁମାଠାରେ ୨ ପ୍ରାର୍ଥୀ ପହଞ୍ଚିବା ପରେ କର୍ମୀମାନେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେଇଥିଲେ। ପରେ ଉଭୟ ପ୍ରାର୍ଥୀ ଶତାଧିକ ସମର୍ଥକଙ୍କ ଗହଣରେ ବାଇକ୍ ଶୋଭାଯାତ୍ରାରେ ମୁଣ୍ଡିଦେଉଳି, ହନୁମାନ ବଜାର, ଗୋପବନ୍ଧୁ ବଜାର, ଡାକଘର ଛକ, ଅନନ୍ତପୁର, ମେନ୍‌ରୋଡ, ତରୁଣ ବଜାର ଦେଇ ସହର ପରିକ୍ରମା କରିଥିଲେ। ଏହି ରୋଡ୍ ଶୋରେ ଏନ୍‌ଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡା, ଏନ୍‌ଏସି ସଭାପତି ଆଦିତ୍ୟ ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ପଞ୍ଚାୟତର ଦଳୀୟ ସରପଞ୍ଚ, କାଉଲସିଲରମାନେ ଉପସ୍ଥିତ ଥିଲେ।

# ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ କଲା ଭାଜପା

ତାଳଚେର,୧୮।୫(ମନୋଜ ନନ୍ଦ)

ତାଳଚେର ବ୍ଲକ ଘଣ୍ଟପଡ଼ା ପଞ୍ଚାୟତ ବାଘମରା ସାହି ୱାର୍ଡ ନଂ.୮ରେ ଥିବା ସରକାରୀ ମିଶନଶକ୍ତି ଗୃହ, ଖଳା, ଲାଇବ୍ରେରିକୁ ବିଜୁ ଯୁବବାହିନୀ ଘର ଓ ଗୋଷ୍ଠୀକେନ୍ଦ୍ରକୁ ବିଜେଡି ବେଆଇନ ଭାବେ ନିଜ ଅକ୍ତିଆରକୁ ନେଇ ନିର୍ବାଚନୀ ଘର ରୂପେ ବ୍ୟବହାର କରି ଆଚରଣ ବିଧିର ଉଲ୍ଲଂଘନ କରୁଥିବା ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ଏ ନେଇ ଶନିବାର ଭାଜପା ଲିଗାଲ ସେଲ୍ ପକ୍ଷରୁ ଦୟାସାଗର ମିଶ୍ର, ଅଖିଳ କୁମାର ସାମଲ, ଜଗଦୀଶ୍ୱର ସାହୁ, ରାଜେଶ କୁମାର ନନ୍ଦ, ପ୍ରଭାତିନୀ ଆଚାର୍ଯ୍ୟ ପ୍ରମୁଖ ଏକ ଅଭିଯୋଗପତ୍ର ତାଳଚେର ବିଧାନସଭା କ୍ଷେତ୍ରର ନିର୍ବାଚନ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି, ବିଜେଡି ପକ୍ଷରୁ ସରକାରୀ ଗୃହକୁ ନିର୍ବାଚନ କାର୍ଯ୍ୟରେ ଲଗାଯାଉଛି। ଏ ନେଇ ଘଣ୍ଟପଡା ପଞ୍ଚାୟତବାସୀ ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଏହି ଘଟଣାର ବିଧିବଦ୍ଧ ତଦନ୍ତ କରାଯାଇ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଭାଜପା ପକ୍ଷରୁ ଦାବି କରାଯାଇଛି।



# ୧୦୧ ୟୁନିଟ୍ ରକ୍ତ ସଂଗ୍ରହ



ତାଳଚେର,୧୮।୫(ମନୋଜ ନନ୍ଦ)

ସେଣ୍ଟ ଜନ୍ସ ଅନନ୍ତ ଆମ୍ବୁଲାନ୍ସ ଡିଭିଜନ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସ୍ଥାନୀୟ ଅନନ୍ତ କଲୋନୀସ୍ଥିତ ଚିଲିକା କଳାକେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ଅନନ୍ତ ଓସିପିର ପ୍ରକଳ୍ପ ଅଧିକାରୀ ଏ.କେ. ସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରବନ୍ଧକ(ଅତିରିକ୍ତ) ହନୁମନ୍ତ ସଲୋଙ୍କେ, ଜଗନ୍ନାଥ କ୍ଷେତ୍ର କାର୍ମିକ ଅଧିକାରୀ ମାନସ କୁମାର ଜେନା, ଜିଏମ(ସିଡବ୍ଲ୍ୟୁଏସ୍) ସମୀର କୁମାର, ପ୍ରଦୀପ ସାହୁ, ଦିବାକର ମାଝି, ଡାକ୍ତର ସାହୁ, ସେକ୍ରେଟାରି ଅଫିସର ଆସୋସିଏଶନ ସରୋଜ କୁମାର ସାହୁ(ଷ୍ଟାଫ ଅଫିସର), ଶ୍ରମିକ ନେତା ଶଙ୍କର ପ୍ରସାଦ ବେହେରା, ବିନୟ ସାହୁ, ବିଶ୍ୱନାଥ ବେହେରା, ବଳରାମ ପତି ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅନୁଷ୍ଠାନର ଡିଭିଜନାଲ କମାଣ୍ଡର ପ୍ରଦୀପ୍ତ କୁମାର ସ୍ୱାଇଁ ଓ ଆମ୍ବୁଲାନ୍ସ ଅଫିସର ପଞ୍ଚୁ ସାହୁଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା। ଶିବିରରେ ମୋଟ୍ ୧୦୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ତାଳଚେର ରକ୍ତ ଭଣ୍ଡାରର ଟେକ୍ନିସିଆନମାନେ ରକ୍ତସଂଗ୍ରହ କରିଥିଲେ। ଏହି କାର୍ଯ୍ୟକ୍ରମରେ ରଞ୍ଜିତ ସାହୁ, ଅଞ୍ଜନ, ସୁଜିତ, ଦୁଷ୍ମନ୍ତ, ବିଭୂତି, ଆଶିଷ, ଅନିଲ, ମାୟାଧର, ବିଦ୍ୟାଧର, ପିଣ୍ଟୁ, ଆଶୁତୋଷ, ସୁବ୍ରତ, ସତ୍ୟବାଦୀ, ଶୁଭକାନ୍ତ, ସମୀର, ବାବୁମଣି, ସୁବ୍ରତ ପ୍ରଧାନ, ଜିତେନ୍ଦ୍ର, ବୁଦ୍ଧଦେବ, କିଶୋରୀ, ରବୀନ୍ଦ୍ର, ମନୋଜ, ରାଜେନ୍ଦ୍ର, ସତ୍ୟ ନାରାୟଣ, ସରୋଜ, ପ୍ରଦୀପ, ବାବୁଲା, ଡିଲେଶ୍ୱର, ଆଶୁତୋଷ,ସୁନୀଲ, ଦୀପକ, ହୃଦାନନ୍ଦ, ଶ୍ୟାମଦେଓ ସିଂହ ପ୍ରମୁଖ ସହଯୋଗ କରିଥିଲେ।

# ୧୯ରୁ ଶ୍ରୀଜଗନ୍ନାଥ ନାମଯଜ୍ଞ, ପ୍ରବଚନ

ଢେଙ୍କାନାଳ,୧୮।୫(ରତନ ନାୟାର)

ଢେଙ୍କାନାଳ ସହର ଉପକଣ୍ଠ ମଙ୍ଗଳପୁର ଗ୍ରାମର ମଜ୍ଜୁରୀ ଛକଠାରେ ଆସନ୍ତା ୧୯ ତାରିଖଠାରୁ ୨୩ ତାରିଖ ପର୍ଯ୍ୟନ୍ତ ଶ୍ରୀ ଜଗନ୍ନାଥ ପଞ୍ଚରାତ୍ର ନାମଯଜ୍ଞ ଓ ପ୍ରବଚନ ଅନୁଷ୍ଠିତ ହେବ। ଓଡିଶାର ସୁନାମଧନ୍ୟ କୁନି ପ୍ରବଚକ କେଶବ ଦାଶ ଦ୍ୱିତିକୃଷ୍ଣ ଯୋଗଦେଇ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବିଷୟରେ ପ୍ରବଚନ ଦେବେ। ମହାପ୍ରଭୁଙ୍କ ଏହି ଦିବ୍ୟ କଥାମୃତକୁ ଶୁଣି ବିଭୁକୃପା ଲାଭ କରିବା ପାଇଁ ଗ୍ରାମର ସଭାପତି କୀର୍ତିଚନ୍ଦ୍ର ଦାସ, ଜଗନ୍ନାଥ ପଞ୍ଚରାତ୍ର କମିଟିର ଦଳପତି ପ୍ରଶାନ୍ତ କୁମାର ପରିଡା, ପବିତ୍ର ମୋହନ ଦାସ, ପାଣ୍ଡବ ଦାସ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଜଳଧର ସାହୁ, ନିମାଇ ନାୟକ, ବଲ୍ଲଭ ଚନ୍ଦ୍ର ଦାସ, ଜିତେନ୍ଦ୍ର ସେନାପତି, ପ୍ରଶାନ୍ତ ସ୍ୱାଇଁ, ପ୍ରମୋଦ ଚନ୍ଦ୍ର ଦାସ ପ୍ରମୁଖ ଢେଙ୍କାନାଳ ସହର ତଥା ଆଖପାଖ ଅଞ୍ଚଳର ଭକ୍ତମାନଙ୍କୁ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ନିବେଦନ କରିଛନ୍ତି।

# ବିରାଟ ଶୋଭାଯାତ୍ରାରେ ପ୍ରଚାର କଲେ ବ୍ରଜ

କଣିହାଁ,୧୮।୫(ସଚ୍ଚିଦାନନ୍ଦ ପ୍ରଧାନ)



ତାଳଚେର ନିର୍ବାଚନମଣ୍ଡଳୀ ଅଧୀନ କଣିହାଁ ବ୍ଲକର ୯ ନମ୍ବର ଜିଲା ପରିଷଦ ଜୋନ୍‌ରେ ଶନିବାର ତାଳଚେର ବିଧାୟକ ପ୍ରାର୍ଥୀ ବ୍ରଜକିଶୋର ପ୍ରଧାନ ବିରାଟ ଶୋଭାଯାତ୍ରାରେ ଭୋଟ ଭିକ୍ଷା କରିବା ସହିତ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା କରିଥିଲେ। ବ୍ରଜକିଶୋର ପ୍ରଥମେ ସକାଳ ୮ଟାରେ ସାନତ୍ରିବିଡା ପଞ୍ଚାୟତରେ ପହଞ୍ଚି ସମସ୍ତ ଗ୍ରାମକୁ ଯାଇଥିଲେ। ପରେ ବଡତ୍ରିବିଡା, ବଡଗୁଣ୍ଡୁରୀ, ଜରଡା ପଞ୍ଚାୟତର ସମସ୍ତ ଗ୍ରାମ ପରିକ୍ରମା ସହିତ ସନ୍ଧ୍ୟାରେ କଣିହାଁ ବ୍ଲକ ମହକୁମାର ବଜାରରେ ପ୍ରଚାର କରିଥିଲେ। ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଅବଗତ କରାଇବା ସହିତ ଜନସାଧାରଣଙ୍କ ପ୍ରଗତି ପାଇଁ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ନିମନ୍ତେ ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚିତ କରିବାକୁ ନିବେଦନ କରିଥିଲେ। ଏହି ଅବସରରେ ବିଭିନ୍ନ ଗ୍ରାମର ଦେବପୀଠ, ମନ୍ଦିର ସହିତ ଶନିଦେବଙ୍କ ପୀଠରେ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଶତାଧିକ ବାଇକ୍‌ରେ ସମର୍ଥକ ଓ କର୍ମୀ, ଅନେକ ପଞ୍ଚାୟତ ପ୍ରତିନିଧି ଏହି ପ୍ରଚାରରେ ସାମିଲ ହୋଇଥିଲେ। ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା ପ୍ରଧାନ, ଜୋନ ସଭାପତି ସୁନୀଲ କୁମାର ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

# ୩୪୯ ଜଣ କଲେଣି ହୋମ୍ ଭୋଟିଂ



ଅନୁଗୋଳ,୧୮।୫(ଅମିତ ସାମଲ)

ଅନୁଗୋଳ ଜିଲାର ୫ ନିର୍ବାଚନ ମଣ୍ଡଳୀରେ ଘରେ ରହି ବରିଷ୍ଠ ଓ ଭିନ୍ନକ୍ଷମମାନେ ମତଦାନ କରୁଛନ୍ତି। ଏହି ମତଦାନ ପ୍ରକ୍ରିୟା ଗତ ଗୁରୁବାରଠାରୁ ଚାଲିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଶନିବାର ଜିଲାରେ ୧୭୭ ଜଣ ଭୋଟର ମତଦାନ କରିଥିଲେ। ଏଥିମଧ୍ୟରୁ ଅନୁଗୋଳ ନିର୍ବାଚନ ମଣ୍ଡଳୀରେ ୫୪ ଜଣ ଭୋଟର ଘରେ ମତଦାନ କରିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେଥିମଧ୍ୟରୁ ୨୮ ଭୋଟର ୮୫ ବର୍ଷରୁ ଊର୍ଦ୍ଧ୍ୱ ରହିଥିବାବେଳେ ୨୬ ଜଣ ଭିନ୍ନକ୍ଷମ ରହିଛନ୍ତି। ବରିଷ୍ଠ ଓ ଭିନ୍ନକ୍ଷମ ଭୋଟର ଯେଉଁଭଳି ଭାବେ ମତଦାନରୁ ବଞ୍ଚିତ ନ ହେବେ ସେଥିପାଇଁ ନିର୍ବାଚନ କମିଶନ ସେମାନଙ୍କ ପାଇଁ ଏଭଳି ବ୍ୟବସ୍ଥା କରିଛନ୍ତି। ଏହି ପ୍ରକ୍ରିୟାରେ ଜିଲାରେ ୬୫୭ ଜଣ ଘରେ ଭୋଟ ଦେବାକୁ ଜିଲା ନିର୍ବାଚନ କମିଶନଙ୍କ ନିକଟରେ ସହମତି ପ୍ରକାଶ କରିଥିଲେ। ଶନିବାର ସୁଦ୍ଧା ଜିଲାରେ ମୋଟ ୩୪୯ ଭୋଟର ମତଦାନ କରିଛନ୍ତି। ଜିଲାର ଅନୁଗୋଳ, ତାଳଚେର, ଛେଣ୍ଡିପଦା, ପାଲଲହଡ଼ା ଓ ଆଠମଲ୍ଲିକ ବିଧାନସଭା କ୍ଷେତ୍ରରେ ପ୍ରଶାସନ ପକ୍ଷରୁ ଘରେ ଘରେ ବୁଲି ମତଦାତାଙ୍କ ମତଦାନ ସଂଗ୍ରହ କରାଯାଉଛି।

# 'କଠିନ ପରିଶ୍ରମ ସଫଳତା ଆଣି ଦିଏ'



ବଇଣ୍ଡା,୧୮।୫(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ଝାମ୍ପୁଲିସ୍ଥିତ ବ୍ରେନ ୱେଭ ଇନ୍‌ଷ୍ଟିଚ୍ୟୁଟ୍ ତରଫରୁ ଚଳିତବର୍ଷ ସିବିଏସ୍‌ଇ ମାଟ୍ରିକ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠାନର ମୁଖ୍ୟ ପରିଚାଳକ ଆଶିଷ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଦିବାକର ମାଝି, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିଶୁ ସାହିତ୍ୟିକ ସଂଗ୍ରାମ କେଶରୀ ପୃଷ୍ଟି, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଶରତ କୁମାର ଦେହୁରୀ ଓ ସୁରେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କଠିନ ପରିଶ୍ରମ, ଅଧ୍ୟବ୍ୟବସାୟ ସଫଳତା ଆଣି ଦେଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସିବିଏସ୍‌ଇ ମାଟ୍ରିକ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରଣିଆକଟାର ଛାତ୍ରୀଛାତ୍ର ସୀମରନ ପ୍ରଧାନ, ବିଶ୍ୱଜିତ୍ ପ୍ରଧାନ, ଚିରଞ୍ଜିବୀ ପ୍ରଧାନ ଓ ଚନ୍ଦନ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ରେନ ୱେଭ ଇନ୍‌ଷ୍ଟିଚ୍ୟୁଟ୍ ହଷ୍ଟେଲ ଅନ୍ତେବାସୀଙ୍କ ଏହି ସଫଳତା ପାଇଁ ଶିକ୍ଷକ ଅଶୋକ କୁମାର ସାହୁ, ଐଶ୍ୱର୍ଯ୍ୟା ମିଶ୍ର, ରୁଦ୍ରନାରାୟଣ ସାହୁ, ବୈନତେୟ ସାହୁ, ବିଶ୍ୱରଞ୍ଜନ ପ୍ରଧାନ, ସଫି ପ୍ରଧାନ, ସୁଧାଂଶୁ ରାଉଳ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ। ଛାତ୍ରୀ ଅଭିପ୍ସା ସାଇକ୍ରିଷ୍ଟା ପ୍ରଧାନ, ଶ୍ୱେତାଶ୍ରୀ ପ୍ରଧାନ ଓ ଚିନ୍ମୟୀ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ଶେଷରେ ଶିକ୍ଷକ ସତ୍ୟଜିତ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ମା' ତାରିଣୀଙ୍କ ବାର୍ଷିକ ଯଜ୍ଞ ସମ୍ପନ୍ନ

ଢେଙ୍କାନାଳ,୧୮।୫(ରତନ ନାୟାର)

ଢେଙ୍କାନାଳ ସହର ଗାନ୍ଧୀ ମନ୍ଦିର ରୋଡସ୍ଥିତ ମା'ତାରିଣୀଙ୍କ ୨୦ ତମ ଜନ୍ମ ବାର୍ଷିକ ଯଜ୍ଞ ଉତ୍ସବର ପୂର୍ଣ୍ଣାହୁତି ଶନିବାର ଦିଆଯାଇଛି। ଏହି ଯଜ୍ଞ ଉତ୍ସବ ୩ ଦିନ ଧରି ଚାଲିଥିଲା। ପ୍ରତ୍ୟେହ ସୂର୍ଯ୍ୟପୂଜା, ଗୋ-ପୂଜା, ଚଣ୍ଡୀପାଠ, ସପ୍ତଚଣ୍ଡୀ ଆହୁତି ଓ ମା'ଙ୍କ ଷୋଡ଼ଶ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା। ୧୭ ତାରିଖରେ ରୁଦ୍ରାଭିଷେକ ଓ ଗୀତା ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଆଦ୍ୟ ପୂର୍ଣ୍ଣାହୁତିରେ ମା' ତାରିଣୀଙ୍କୁ ରାଜରାଜେଶ୍ୱରୀ ବେଶ କରାଯାଇ ବିଭିନ୍ନ ଭୋଗରାଗ ଲାଗି କରାଯାଇଥିଲା। ସନ୍ଧ୍ୟାରେ ଭକ୍ତମାନେ ପ୍ରସାଦସେବନ କରିଥିଲେ। କର୍ତ୍ତା ଭାବେ ନୀଳକଣ୍ଠ ଦୋରା ଓ ବ୍ରଜମୋହନ ସାହୁଙ୍କ ସମେତ ସଭାପତି ଅଭିମନ୍ୟୁ ବେହେରା, ସମ୍ପାଦକ ଜୀ ମନ୍ମଥ ରାଓ, ସଦସ୍ୟ କେଶବ ଚନ୍ଦ୍ର ବେହେରା, ନିରାକାର ପଟ୍ଟନାୟକ, ଶରତ ଚନ୍ଦ୍ର ମହାପାତ୍ର, ନରେନ୍ଦ୍ର ବାରିକ, ଶଶୀକାନ୍ତ ଦାସ, ରାଜୀବ ବସ୍ତିଆ, ଶୁଭେନ୍ଦୁ ପଟ୍ଟନାୟକ, ସୁଶାନ୍ତ କୁମାର ବେହେରା ଓ ଟୁନା ହୋତା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଆମ୍ବସରମୁଣ୍ଡା ପଞ୍ଚାୟତରେ ଭାଜପାର ପ୍ରଚାର

ବଇଣ୍ଡା,୧୮।୫(ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଆମ୍ବସରମୁଣ୍ଡା ପଞ୍ଚାୟତ ପଥରଗୁମ୍ଫା, ମଇଧରପୁର, ଆମ୍ବସରମୁଣ୍ଡା, ତାଳମଳିହା ଆଦି ଅଞ୍ଚଳରେ ଶନିବାର ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ପ୍ରଚାର କରାଯାଇଛି। ବିଶେଷକରି ମୋଦି ସରକାର କିଭଳି ଲୋକଙ୍କ ବିକାଶ କରୁଛନ୍ତି ସେ ସମ୍ପର୍କରେ ବାର୍ତ୍ତା ଦିଆଯାଇଥିଲା। ଆଠମଲ୍ଲିକ ବିଧାୟକଙ୍କ ସ୍ତ୍ରୀ ଲୀନା ସାଏ ଓ ବିଧାୟକ ପ୍ରାର୍ଥୀ ସଞ୍ଜୀବ ସାହୁଙ୍କ ସ୍ତ୍ରୀ ଉଷାରାଣୀ ସାହୁ ଘର ଘର ବୁଲି ପ୍ରଚାର କରିଥିଲେ। ସେମାନେ ପଦ୍ମ ଫୁଲରେ ଭୋଟ୍ ଦେବାକୁ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଏହି ପ୍ରଚାରରେ ବହୁ ମହିଳା ସାମିଲ ହୋଇଥିଲେ।

# ଶନିଶ୍ଚର ଠାକୁରଙ୍କ ବାର୍ଷିକ ପୂଜା



ବଇଣ୍ଡା,୧୮।୫(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ଗାଁ ବଇଣ୍ଡାର ମଦନପଡା ସାହିରେ ଥିବା ଶନିଶ୍ଚର ମନ୍ଦିର ନିକଟରେ ଶନିବାର ପ୍ରଭୁ ଶନିଶ୍ଚରଙ୍କ ବାର୍ଷିକ ପୂଜା ପାଳିତ ହୋଇଯାଇଛି। ପ୍ରଥମେ କଳସରେ ପାଣି ଆଣିବା ପରେ ପ୍ରଭୁଙ୍କୁ ନୀତି ନିୟମ ଅନୁସାରେ ପୂଜା କରାଯାଇଥିଲା। ପରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ବହୁ ମାନସିକଧାରୀ ମହିଳାପୁରୁଷ ଯୋଗଦେଇଥିଲେ। ମନ୍ଦିର ପୂଜକ ତ୍ରିନାଥ ମହାପାତ୍ର, ଦୀପକ ମହାପାତ୍ର, ପପୁ ନନ୍ଦ ପୂଜା କରିଥିଲେ। ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ସଂଗ୍ରାମ ବିଜେଡି ରାଜ୍ୟ ସମ୍ପାଦକ

ବଇଣ୍ଡା,୧୮।୫(ପରିକ୍ଷିତ ସାହୁ)

ଆଠମଲ୍ଲିକର ଯୁବ ବିଜେଡି ନେତା ସଂଗ୍ରାମ ମହାପାତ୍ରଙ୍କୁ ରାଜ୍ୟ ସମ୍ପାଦକ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ନିଯୁକ୍ତି ଦେଇଛନ୍ତି। ପୂର୍ବରୁ ସଂଗ୍ରାମ ଭାଜପାରେ ଥିଲେ। ହେଲେ ବିଧାୟକ ନିର୍ବାଚନ ଲଢ଼ିବା ପାଇଁ ଟିକେଟ ନ ପାଇବାରୁ ବିଜେଡିରେ ସାମିଲ ହୋଇଥିଲେ। ଏହି ଦାୟିତ୍ୱ ମିଳିବା ପରେ ସଂଗ୍ରାମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି।



# ଘର ଘର ବୁଲି ଭୋଟ ଭିକ୍ଷା କଲେ ନଳିନୀ

ବଇଣ୍ଡା,୧୮।୫(ପରିକ୍ଷିତ ସାହୁ)



ଅନୁଗୋଳ ଜିଲା କିଶୋରନଗର ବ୍ଲକ ୧୧ ନମ୍ବର ଜୋନ୍‌ର ବାମୁର, ଓସ୍କାପାଲି ପଞ୍ଚାୟତରେ ଶନିବାର ବିଜେଡି ପକ୍ଷରୁ ପ୍ରଚାର ଜୋରଦାର କରାଯାଇଛି। ବିଧାୟକ ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ ଯୋଗଦେଇ ଘର ଘର ବୁଲି ଭୋଟ ଭିକ୍ଷା କରିଥିଲେ। ପୂର୍ତ୍ତ ବିଭାଗ ସଚିବ ଥିବା ସମୟରେ ଏହି ଅଞ୍ଚଳ ପାଇଁ ବହୁ ବିକାଶ କରିଛି। ଅନେକ ଗାଁକୁ ରାସ୍ତା ସହ ପୋଲ ନିର୍ମାଣ କରିଛି। ଥରେ ଆପଣମାନଙ୍କ କାମ କରିବା ପାଇଁ ସୁଯୋଗ ଦିଅନ୍ତୁ ବୋଲି କହିବା ସହ ମୁଖ୍ୟମନ୍ତ୍ରୀ ଏହି ଅଞ୍ଚଳକୁ ସ୍ୱତନ୍ତ୍ର ଭାବେ ଦେଖୁଛନ୍ତି। ୫ ବର୍ଷ ମଧ୍ୟରେ ଅନେକ ବିକାଶ କରାଯାଇଛି। ଆଗାକୁ ଯାହା ସମସ୍ୟା ରହିଛି ତାହା ପୂରଣ କରାଯିବ। ବିଶେଷକରି ଏହି ଅଞ୍ଚଳର ମହିଳା ଗୋଷ୍ଠୀ ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କ ମିଶନ ଶକ୍ତି ଯୋଜନାରେ ଋଣ ଆଣି ରୋଜଗାରକ୍ଷମ ହୋଇପାରିଛନ୍ତି। ଅନେକ ମହିଳାଙ୍କୁ ସ୍କୁଟି ମଧ୍ୟ ବଣ୍ଟନ କରାଯାଇଛି। ମହିଳାମାନେ ନବୀନଙ୍କ ହାତ ମୁଠାକୁ ଟାଣ କରିବା ପାଇଁ ଯୋଡି ଶଙ୍ଖରେ ଭୋଟ ଦେବାକୁ ଅନୁରୋଧ କରିଥିଲେ। ସେହିପରି ଆଠମଲ୍ଲିକ ବିଧାନସଭା ନିର୍ବାଚନମଣ୍ଡଳୀର ଟିକରପଡା, ପୁରୁଣାକୋଟ, ଜଗନ୍ନାଥପୁର, କୋଠଭୂଇଁ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଶୁକ୍ରବାର ରାତିରେ ନଳିନୀ ପ୍ରଚାର କରିଥିଲେ। ଏଥିରେ ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଜିଲା ପରିଷଦ ସଦସ୍ୟ କାଜଲ ପଟ୍ଟନାୟକ, ପ୍ରଶ୍ନ ବେହେରା, ନବକିଶୋର ବିଷୋଇ, ଲୋଚନ ସାହୁ, ସନ୍ତୋଷ ପ୍ରଧାନ, ସରପଞ୍ଚ ସଂଜୀବ କୁମାର ପ୍ରଧାନ, ସଞ୍ଜିତ ପ୍ରଧାନଙ୍କ ସମେତ ବହୁ ବିଜେଡି ନେତା ଯୋଗ ଦେଇଥିଲେ।

